ODM PUBLIC SCHOOL
SCHOOL OF HUMAN EXCELLENCE

# ODM PUBLIC SCHOOL

SESSION : 2
CLASS : v
SUBJECT : (ଓଡିଆ)
CHAPTER NUMBER: 01
CHAPTER NAME : ଜାତୀୟ ଧ୍ୱଜା ଆମ ଉଡଇ ଫର ଫର
SUBTOPIC : କବିତା ଆବୃତ୍ତି |
ଜାତୀୟ ଧ୍ବଜା ବିଷୟ ରେ ଶ୍ରେଣୀ ଗୃହ ରେ ଆଲୋଚନା

# LEARNING OBJECTIVE

ଜାତୀୟ ପତାକା ର ଅନ୍ତର୍ନିହିତ ମହନୀୟ ଗୁଣ ସଂପର୍କରେ ଜାଣିବା ।



# କବିତା ଆବୃତ୍ତି

ପ୍ରଥମେ ଶିକ୍ଷକ /ଶିକ୍ଷୟିତ୍ରୀ କବିତାଟି କୁ ଆବୃତ୍ତି କରିବେ |ତପ୍ରେ ପିଲାମାନେ ସ୍ୱର ,ତାଳ ,ଲୟରେ ନିର୍ଭୁଲ ଭାବେ ଆଗ୍ରହର ସହିତ କବିତା ଆବୃତ୍ତି କରିବେ |

# ଜାତୀୟ ଧ୍ୱଜା ଆମ
# ଉଡ଼ଇ ଫରଫର

ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ



ବିଦେଶୀ ଶାସନରେ ଅଧୀନ ଥିଲା ଦେଶ
ସେକାଳେ ଭୋଗୁଥିଲୁ କେତେ ଯେ ଆମେ କ୍ଳେଶ
ସ୍ୱାଧୀନ ଆଜି ଆମେ କାହାକୁ ନାହିଁ ଡର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୧।।

ଏଣିକି ଭଲ ଯାହା କରିବୁ ସେହି କାମ
ଜାତିର ଇତିହାସେ ରହିବ ଆମ ନାମ
କର୍ତ୍ତବ୍ୟ-ପଥ ଧରି ହୋଇବୁ ଅଗ୍ରସର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୨।।

ଭୋକିଲା ହୋଇ ଆଉ ରହିବେ ନାହିଁ କେହି
ରଖିବୁ ଜାତି ଟେକ ନିଜକୁ ବଳି ଦେଇ
ସ୍ୱଦେଶ ସେବା ବ୍ରତ କରିବୁ ଜୀବନର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୩।।

ଅଛୁଆଁ ନୁହେଁ କେହି ସଭିଏଁ ଭାଇ ଆମ
ସଭିଙ୍କ ହିତ ପାଇଁ କରିବୁ ଆମେ କାମ
ସମସ୍ତେ ଆପଣାର ଜଣେ କେ ନୁହେଁ ପର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୪।।

ODM PUBLIC SCHOOL

ଆମ ଜାତୀୟ ପତାକା ର ନାମ ତ୍ରିରଙ୍ଗା ।  ଏହା ତିନୋଟି ରଙ୍ଗ ର ସମାହାର  ଅଟେ । ଏହାର ଉପର ଭାଗ ରେ ନାରଙ୍ଗୀ  , ମଧ୍ୟରେ ଧଳା ଓ ନିମ୍ନ ଭାଗ ରେ ସବୁଜ ରଙ୍ଗ ଅଛି । କମଳା ରଙ୍ଗ ସାହସ , ସୌର୍ଯ୍ୟ  ଓ ତ୍ୟାଗ ର ପ୍ରତୀକ ।  ଧଳା ରଙ୍ଗ ଶାନ୍ତି ଓ ସତ୍ୟ ଓ ବିଶ୍ବ ଭାତୃତ୍ୱ ର ପ୍ରତୀକ । ସବୁଜ ରଙ୍ଗ ବିଶ୍ୱାସ , ଉତ୍ତମ ବୁଝାମଣା  ର ପ୍ରତୀକ ।  ମଧ୍ୟରେ ଥିବା ଅଶୋକ ଚକ୍ର ସତ୍ୟ , ଧର୍ମ ଓ ନ୍ୟାୟ ର ପ୍ରତୀକ । ଆମେ ସମସ୍ତେ ଜାତୀୟ ପତାକା କୁ ସମ୍ମାନ ଦେବା ଉଚିତ ।

ODM PUBLIC SCHOOL

# ଗୃହକର୍ମ

ବିଭିନ୍ନ ଦେଶର ଜାତୀୟ ପତାକା ସଂଗ୍ରହ କର ଓ ଦେଶର  ନାମ ଲେଖ |

ODM PUBLIC SCHOOL

# LEARNING OUTCOME:

କବିତା ଆବୃତ୍ତି ମାଧ୍ୟମରେ ମନ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ ହେବା |

PUBLIC SCHOOL

# THANKING YOU

# ODM EDUCATIONAL GROUP

ODM PUBLIC SCHOOL